# ପିଲାମାନଙ୍କ ପାଇଁ ବାଇବଲ

ଉପହାର



## ଏକ ଅତି ଆଦରର ପୁତ କ୍ରୀତଦାସ ହୋଇଗଲା

ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus
Alastair P.
ଉପଯୋଜକ: M. Kerr; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଇସ୍‌ହାକ ବହୁତ ଆନନ୍ଦରେ ଥିଲେ । ତାଙ୍କର ପୁତ୍ର ଯାକୁବ ଘରକୁ ଫେରିଥିଲେ । ଏପରି କି ଏଷୌ ନିଜେ ଯାକୁବଙ୍କୁ ନିଜ ଭାଇଙ୍କୁ ସ୍ୱାଗତ କଲେ ଯେ ଏକ ସମୟରେ ତାଙ୍କୁ ହତ୍ୟା କରିବାକୁ ପ୍ରତିଜ୍ଞା କରିଥିଲେ । କିନ୍ତୁ ଯାକୁବଙ୍କ ପୁତ୍ରମାନେ, ଯୋଶେଫ୍ ସେମାନଙ୍କର ସାନ ଭାଇଙ୍କ ପାଇଁ ଖୁସିରେ ନଥିଲେ, ଯେ କି ପିତାଙ୍କର ଅତି ଆଦରର ସନ୍ତାନ ଥିଲେ ।



ଯୋଶେଫଙ୍କର ଭାଇମାନେ ତାଙ୍କ ଉପରେ ଅତ୍ୟନ୍ତ କ୍ରୋଧିତ ହେଲେ ଯେତେବେଳେ ସେମାନେ ତାଙ୍କର ସ୍ୱପ୍ନ ବିଷୟରେ ଶୁଣିଲେ । ମୋର ଗହମ ବିଡ଼ା ଛିଡ଼ା ହୋଇଗଲା ଓ ମୋ ଭାଇମାନଙ୍କ ବିଡ଼ା ଗୁଡ଼ିକ ମୋ ବିଡ଼ାକୁ ସନ୍ମାନ ସହକାରେ ପ୍ରଣାମ କଲେ, ଯୋଶେଫ୍ କହିଲେ । ସେହି ସ୍ୱପ୍ନର ଉତ୍ତର ଥିଲା ଯେ ଯୋଶେଫ୍ ନିଜ ଭଇମାନଙ୍କ ମଧ୍ୟରୁ ଏକ ମହତ୍ୱପୂର୍ଣ୍ଣ ବ୍ୟକ୍ତି ହେବେ ।





ଯୋଶେଫଙ୍କର ଦ୍ୱୀତୀୟ ସ୍ୱପ୍ନରେ, ସୂର୍ଯ୍ୟ, ଚନ୍ଦ୍ର ଓ ତାରାଗଣ ତାଙ୍କୁ ପ୍ରଣାମ କଲେ । ଏପରିକି ନିଜର ପିତା ଯାକୁବ ମଧ୍ୟ ତାଙ୍କ ଉପରେ କ୍ରୋଧ କଲେ କାରଣ ସେ ନିଜକୁ ନିଜ ପିତାମାତା ଓ ଭାଇମାନଙ୍କ ଉପରେ ନିଜକୁ ସ୍ଥାପନ କରୁଥିଲେ ।

ଦିନେ ଯାକୁବ ନିଜର ପୁତ୍ର ଯୋଶେଫ୍‌ଙ୍କୁ ତାଙ୍କ ଭାଇମାନଙ୍କ ମେଷ ଚ଼ରାଉଥିବା ସ୍ଥାନକୁ ପଠାଇଲେ । ତାଙ୍କ ଭାଇମାନେ ତାଙ୍କ ଆସିବାର ଦେଖିଲେ । ଆସ ଆମ୍ଭେ ଏହି ସ୍ୱପ୍ନ ଦର୍ଶକକୁ ବଧ କରିବା, ସେମାନେ ପରଷ୍ପର କହିଲେ । ଯୋଶେଫ୍ ନିଜ ଆଗରେ ଥିବା ବିପଦ ବିଷୟରେ ଅଭିଜ୍ଞ ଥିଲେ ।



ରୁବେନ୍, ସେମାନଙ୍କର ବଡ଼ଭାଇ ଅସମ୍ମତ ହେଲେ । ସେ କହିଲେ, ଆମ୍ଭମାନେ ନିଶ୍ଚିତ ଭାବରେ ରକ୍ତପାତ କରିବା ନାହିଁ । ଦେଖ ଏଠାରେ ଏକ ଗର୍ତ୍ତ ଅଛି । ସେ ସେଠାରେ ମରିଯାଉ,  ରୁବେନ୍ କିନ୍ତୁ ପାହାନ୍ତା ସମୟରେ ତାଙ୍କୁ ଉଦ୍ଧାର କରିବା ନିମନ୍ତେ ଯୋଜନା କରିଥିଲେ ।



ଯେତେବେଳେ ଯୋଶେଫ୍
ପହଞ୍ଚିଲେ, ତାଙ୍କ ଭାଇମାନେ
ତାଙ୍କୁ ଧରିପକାଇଲେ, ଓ
ତାଙ୍କର ନାନାରଙ୍ଗର ଅଙ୍ଗରଖା
କଢ଼ିପାକାଇଲେ ଯାହାକି ଯାକୁବ
ତାଙ୍କ ପିତା ତାଙ୍କର ଅତି
ଆଦରର ପୁତ୍ର ନିମନ୍ତେ
ଅଲଗା ଭାବରେ ପ୍ରସ୍ତୁତ କରି
ଦେଇଥିଲେ । ସେମାନେ
ତାଙ୍କୁ ସେହି ଅନ୍ଧାରୁଆ
ଗର୍ତ୍ତରେ ପକାଇ
ଦେଲେ ।



ଯେତେବେଳେ ରବେନ୍ ନଥିବା ସମୟରେ, ସେହି ପଥଦେଇ ଏକ ଓଟଦଳ ସୁଦୂର ମିଶରକୁ ଯାତ୍ରା କରୁଥିଲେ । ଆସ ଆମ୍ଭମାନେ ଯୋଶେଫଙ୍କୁ ବିକ୍ରୟ କରିଦେଉ, ଯିହୁଦା ଭାଇମାନଙ୍କୁ କହିଲା ।





ସେମାନଙ୍କ ସହିତ ଚୁକ୍ତି ହୋଇଗଲା ଓ ସେମାନେ ରୌପ୍ୟମୁଦ୍ରା ବଦଳରେ ବିକ୍ରୀ କରିଦେଲେ ।

ଭୟ ଓ ଅଶ୍ରୁଜଳରେ, ଯୋଶେଫ୍ ଅସହାୟତାରେ ଅନାଇଲେ ଯେତବେଳେ ସେହି ଓଟଦଳ ଯୋଶେଫଙ୍କୁ ନିଜ ପରବାର ଓ ନିଜ ଦେଶରୁ ଦୂରକୁ ନେଇଗଲେ ।





ଏହା କି ଯୋଶେଫ୍‌ଙ୍କର ଅଙ୍ଗରଖା,
ଏହା ରକ୍ତାକ୍ତ ଅଟେ । ଆମ୍ଭେମାନେ
ଏହା ପ୍ରାନ୍ତରରେ ପାଇଲୁ । ନିର୍ଦ୍ଦୋଷ
ଭାଇମାନେ ନିଜର ଭାଇ ଯାକୁବଙ୍କୁ
ଜଙ୍ଗଲର କୌଣିସି ଏକ ହିଂସ୍ରଯନ୍ତୁ
ତାଙ୍କର ଅତି ଆଦରର ପୁତ୍ରଙ୍କୁ ବଧ
କରିଅଛି ବୋଲି ନିଜର ପିତାଙ୍କୁ ବିଶ୍ୱାସ
କରାଇଲେ । ଯାକୁବ ତାଙ୍କର ବସ୍ତ୍ରକୁ
ଚିରିପାକାଇ ରୋଦନ କଲେ ।
କେହିମଧ୍ୟ ତାଙ୍କୁ ସନ୍ତନା
ଦେଇପାରିଲେ ନାହିଁ ।



ମିଶର ଦେଶରେ, ଯୋଶେଫ୍ ନିଶ୍ଚିତ ଭାବରେ ଭୟ ଓ ଏକାକି ହୋଇଥିବେ । ହୋଇପାରେ ସେ ନିଜର ଗୃହକୁ ମନେ ପକାଇଲେ । କିନ୍ତୁ ସେ ଖସି ଯାଇପାରିବେ ନାହିଁ । ସେ ପୋଟିଫର, ଏକ ମହତ୍ୱପୂର୍ଣ୍ଣ ମିଶ୍ରୀୟ ବ୍ୟକ୍ତିଙ୍କ ଗୃହରେ କ୍ରୀତଦାସ ଥିଲେ । ପୋଟିଫର୍ ଯୋଶେଫଙ୍କୁ ସର୍ବଦା କଠିନ ପରିଶ୍ରମି ଓ ନିର୍ଭରଯୋଗ୍ୟ ଦେଖିଲେ ।

ତୁମେ ଯାହାକିଛି କର ସମସ୍ତ ଉତ୍ତମ ହୋଇଯାଏ, ଦୀନେ ପୋଟିଫର୍ ଯୋଶେଫଙ୍କୁ କହିଲେ । ପରମେଶ୍ୱର ତୁମ୍ଭ ସହିତରେ ଅଛନ୍ତି । ମୁଁ ଚାହେଁ ତୁମ୍ଭେ ମୋହର ମୁଖ୍ୟ ପରିଚାରକ ଭାବେ କାର୍ଯ୍ୟ କର, ତୁମ୍ଭ ମୋହର ସମସ୍ତ କାରବାର ଓ ସମସ୍ତ ସେବକ ମାନଙ୍କର ପ୍ରଭୁ ହେବ ।



ଯୋଶେଫଙ୍କ ନିମନ୍ତେ ପରମେଶ୍ୱର ପୋଟିଫରଙ୍କୁ ଭଲ ଫସଲ ଓ ଧନ ସଂପତ୍ତି ଦେଲେ । ବର୍ତ୍ତମାନ୍ ସେ ଏକ ମହତ୍ୱପୂର୍ଣ୍ଣ ବ୍ୟକ୍ତି ଅଟନ୍ତି, ଯୋଶେଫ୍ କିନ୍ତୁ ନିରନ୍ତର ବିଶ୍ୱସ୍ତତାରେ ପରମେଶ୍ୱରଙ୍କ ଉପରେ ନିର୍ଭର ଓ ସେବା କରୁଥିଲେ । କିନ୍ତୁ ଦୁଃଖର ସମୟ ଯୋଶେଫଙ୍କ ଜୀବନରେ ଆସିଲା ।



ପୋଟିଫରଙ୍କ ସ୍ତ୍ରୀ ଏକ ଦୁଷ୍ଟା ସ୍ତ୍ରୀ ଥିଲେ । ସେ ଯୋଶେଫଙ୍କୁ ପୋଟିଫର୍, ତାଙ୍କ ସ୍ୱାମିଙ୍କ ସ୍ଥାନ ନେବାକୁ କହିଲେ । ଯୋଶେଫ ମନାକଲେ । ସେ ପୋଟିଫରଙ୍କର ଅନ୍ୟାୟ କରି ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କରିବେ ନାହିଁ ।



ଯେତବେଳେ ସେହି ସ୍ତ୍ରୀ ତାଙ୍କୁ ବଳପୂର୍ବକ ଧରିବାକୁ ଚ଼େଷ୍ଟା କଲେ, ସେ ସେଠାରୁ ଦୌଡ଼ି ପଳାଇଗଲେ । କିନ୍ତୁ ସେ ତାଙ୍କର ବସ୍ତ୍ର ଧରି ରଖିଲେ ।



ତୁମ୍ଭର ଦାସ ମୋତେ ଆକ୍ରମଣ କରିଛନ୍ତି, ପୋଟିଫରଙ୍କ ସ୍ତ୍ରୀ ଅନୁଯୋଗ କଲା । ଦେଖ ଏହି ବସ୍ତ୍ରଟି ତାଙ୍କର  ଅଟେ । ପୋଟିଫର୍ କ୍ରୋଧିତ ହେଲେ । ହୋଇପାରେ ସେ ଜାଣିଥିଲେ ଯେ ତାଙ୍କ ସ୍ତ୍ରୀ ସତ୍ୟ ନୁହନ୍ତି । କିନ୍ତୁ ତାଙ୍କୁ କିଛି କରିବା ଆବଶ୍ୟକତା ଥିଲା ।

ସେ କଅଣ କରବେ?





ପୋଟିଫର୍ ଯୋଶେଫଙ୍କୁ କାରାଗାରରେ
ନିକ୍ଷେପ କଲେ । ଯୋଶେଫ୍ ଦୋଷି ନଥିଲେ
ମଧ୍ୟ, ଦୁଃଖିତ କିମ୍ବା ବିରକ୍ତ ହେଲେ ନାହିଁ ।
ହୋଇପାରେ ସେ ଯେଉଁ ସ୍ଥାନରେ ଥିଲେ
ମଧ୍ୟ ସମସ୍ତ କଠିନ ଦୁଃଖରୁ କିଛି ଶିଖି ପାରୁଥିଲେ,
ଯଦି ସେ ପରମେଶ୍ୱରଙ୍କୁ ସମାଦର କରିବେ ତେବେ
ପରମେଶ୍ୱର ତାଙ୍କୁ ଜେଲ୍‌ଠାରେ
ମଧ୍ୟ ଉର୍ଦ୍ଧ୍ୱକୁ ଉଠାଇବେ ।

ଏକ ଅତି ଆଦରର ପୁତ କ୍ରୀତଦାସ ହୋଇଗଲା

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୩୭, ଆଦିପୁସ୍ତକ ୩୯

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬